ଧରିତ୍ରୀ
DHARITRI
July 19-25, 2020 ₹ 2/-

# ଛୁଟିଦିନ



# ପୁଣିଥରେ...

୩
ପ୍ରଚ୍ଛଦ ପ୍ରସଙ୍ଗ

ଜୀବିକା ନିର୍ବାହ ପାଇଁ ସାଧାରଣତଃ ଅଧିକାଂଶ ଯୁବପିଢ଼ି ଘର ଛାଡ଼ି ବାହାରକୁ ଯାଇଥାଆନ୍ତି। ଏହି କ୍ରମରେ ଆମ ରାଜ୍ୟରେ ବହୁ ଯୁବତୀ ଯୁବକ ବି ବାହାରେ ରହି କାମ କରୁଛନ୍ତି। ତେବେ କରୋନା ଯୋଗୁ ଏବେ ବିଭିନ୍ନ କମ୍ପାନୀ ବନ୍ଦ ହୋଇଯିବାରୁ ବାଧହୋଇ ସେମାନେ ଗାଁକୁ ଫେରି ଆସିଛନ୍ତି। ହେଲେ ଏମାନଙ୍କ ମଧ୍ୟରେ ଏମିତି କେତେଜଣ ଅଛନ୍ତି, ଯେଉଁମାନେ କି ଘରେ ବସି ନ ରହି କିମ୍ବା ହତାଶ ନ ହୋଇ ନିଜକୁ ପୁଣିଥରେ ରୋଜଗାରକ୍ଷମ କରିବାକୁ ଅଣ୍ଟା ଭିଡ଼ିଛନ୍ତି..

ସିନେମା
୫



# ମଣିଷ ଆକାରର ବାଦୁଡ଼ି



ଓଲଟା ଝୁଲି ରହୁଥିବା ଛୋଟ ଛୋଟ ବାଦୁଡ଼ି ନିଶ୍ଚୟ ଦେଖିଥିବେ । କିଛି କିଛି ସ୍ଥାନରେ ତ ଏହା ଅନେକ ସଂଖ୍ୟାରେ ରହିଥାଆନ୍ତି । ତେବେ ନିକଟରେ ଫିଲିପାଇନ୍ସରେ ଦେଖିବାକୁ ମିଳିଛି ଏକ ଅଜବ ବାଦୁଡ଼ି, ଯାହାକୁ ଦେଖିଲେ ଯେ କେହି ଡରିଯିବେ । କାରଣ ଏହାର ଆକାର ଖୁବ୍ ବଡ଼ । ପାଖାପାଖି ମଣିଷ ଆକାରର ଅଟେ ଏହି ବାଦୁଡ଼ି । ଗୋଲ୍ଡେନ୍ କ୍ରାଉନ୍ଡ ଫ୍ଲାଇଂ ଫକ୍ସ ନାମକ ଏହି ବାଦୁଡ଼ିର ଡେଣା ମେଲିଦେଲେ ଏହାର ଲମ୍ବ ପ୍ରାୟ ୪.୯-୫.୬ ଫୁଟ୍ ହୁଏ । ଉଚ୍ଚତା ୧ ଫୁଟ୍‌ରୁ ଊର୍ଦ୍ଧ୍ୱ ହୋଇଥାଏ । ବାଦୁଡ଼ିଟି ବିରାଟକାୟ ଦେଖାଗଲେ ବି ଏହା ଶାକାହାରୀ । ଏହା ବିଶେଷକରି ଫଳ ଖାଇଥାଏ । ପିଜୁଳି ଏହାର ବହୁତ ପ୍ରିୟ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୯-୨୫

**ମେଷ**
କର୍ମ ଜଞ୍ଜାଳ, ଶାରୀରିକ ଅସୁସ୍ଥତା, ଆର୍ଥିକ ଅବନତି, ବନ୍ଧୁଙ୍କ ପ୍ରେରଣା, କଳାରୁ ପ୍ରଶଂସା, ସାମ୍ବାଦିକତାରୁ ସମ୍ମାନ, ସମସ୍ୟାର ସମାଧାନ, ମିତ୍ରତା ବୃଦ୍ଧି,ଦୂରଯାତ୍ରା, ପରିବହନରୁ ଲାଭ ।

**ବୃଷ**
ଆରୋଗ୍ୟ ଲାଭ, ମାନସିକ ଶାନ୍ତି, ବନ୍ଧୁଙ୍କ ସହାନୁଭୂତି, ଯାତ୍ରାରେ ସଫଳତା, ଖର୍ଚ୍ଚ ପରିମାଣ ବୃଦ୍ଧି । ପଡୋଶୀଙ୍କ କଳହ, ପରିବାରରେ ମନୋମାଳିନ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ଆନୁଷ୍ଠାନିକ କାର୍ଯ୍ୟ ।

**ମିଥୁନ**
ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହଯୋଗ, ଧର୍ମକାର୍ଯ୍ୟରେ ରୁଚି, ଦୁଃସାହସିକ ପଦକ୍ଷେପ, ଶାରୀରିକ ସୁସ୍ଥତା, ପ୍ରତିଯୋଗିତାରେ ସଫଳତା, ଖୁସିର ଆସର, ମାନସିକ ଶାନ୍ତି, ବସ୍ତ୍ରଭୂଷଣ ପ୍ରାପ୍ତି, ଶୁଭ ଖବର ।

**କର୍କଟ**
ଶାରୀରିକ ଦୁର୍ବଳତା, ଜମିଜମା କଳହ, ନିର୍ମାଣ କ୍ଷେତ୍ରରେ ସମସ୍ୟା, ଅପ୍ରିୟ ସତ୍ୟ କଥାରୁ ଶତ୍ରୁତା, ଆଇନ ସହାୟତା, ପରିବହନରେ ଉନ୍ନତି, ପାରିବାରିକ ସଦ୍‌ଭାବ, ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପା ।

**ସିଂହ**
କାର୍ଯ୍ୟ ଦକ୍ଷତାରୁ ସମ୍ମାନ, ସଫଳତା ପାଇବେ, ଧନ ବ୍ୟୟ, ସମ୍ପର୍କ ହାନି, ରାଜନୈତିକ ପୃଷ୍ଠ ପୋଷକତା, ଭ୍ରମଣରେ ବାଧା, ସହକର୍ମୀଙ୍କ ଅସହଯୋଗ, ଦୁଃସାହସିକ ପଦକ୍ଷେପ, ପରୀକ୍ଷାରେ ସଫଳତା ।

**କନ୍ୟା**
ସମସ୍ୟା ସମାଧାନ, ସନ୍ତାନଙ୍କ ବିଶୃଙ୍ଖଳା, ବନ୍ଧୁମିଳନ, ଲକ୍ଷ୍ୟହୀନ ଯାତ୍ରା, ସ୍ୱାସ୍ଥ୍ୟହାନି, ମନୋମାଳିନ୍ୟ, ବିବାଦୀୟ ପରିସ୍ଥିତି, ଦ୍ରବ୍ୟନଷ୍ଟ, ଠକାମିରେ ପଡ଼ିପାରନ୍ତି ।

**ତୁଳା**
ଅପ୍ରିୟ ସତ୍ୟରୁ ବିବାଦ, ଘରକାମରେ ବ୍ୟସ୍ତତା, ଅର୍ଥ ସାହାଯ୍ୟପ୍ରାପ୍ତି, ବାଣିଜ୍ୟରେ ଉନ୍ନତି, ଲାଭାଂଶ ବୃଦ୍ଧି, ସଙ୍ଗଦୋଷରୁ ସମାଲୋଚନା, ଗୁରୁଜନଙ୍କ ପରାମର୍ଶ, ନୂତନ ସମ୍ପର୍କ ସୃଷ୍ଟି, କଳାପ୍ରିୟ ହେବେ, ଋଣ ପରିଶୋଧ ।

**ବିଛା**
ମିତ୍ରତା ବୃଦ୍ଧି, ସାଙ୍ଗଠନିକ ନେତୃତ୍ୱ, ସାମାଜିକ ସମ୍ମାନ, ଉପରିସ୍ଥଙ୍କ ଅନୁକମ୍ପା, ପରିବାରରେ ଝଡ, ଅସଂପୂର୍ଣ୍ଣ କାର୍ଯ୍ୟ,ସାମୟିକ ଅସ୍ଥିରତା,ପରିସ୍ଥିତି ବଦଳିବ,ବନ୍ଧୁ ମିଳନ, ଯାତ୍ରାରେ ସଫଳତା, ପଦମର୍ଯ୍ୟାଦା ବୃଦ୍ଧି, ଆଶାନୁରୂପ ଫଳ ।

**ଧନୁ**
ଆଳସ୍ୟ ବୃଦ୍ଧି, ଅବହେଳାରୁ କାର୍ଯ୍ୟହାନି, ପକ୍ଷପାତିତାରୁ କଳହ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ପ୍ରଶଂସନୀୟ କାର୍ଯ୍ୟ, ସାହସିକତା ପ୍ରଦର୍ଶନ, ଆଇନ ସହାୟତା, ପଦମର୍ଯ୍ୟାଦା ବୃଦ୍ଧି ପାଇବ, ନିର୍ମାଣ କାର୍ଯ୍ୟରେ ସମସ୍ୟା, ସୁସମ୍ପର୍କ ବ୍ୟାହତ ।

**ମକର**
ଆତ୍ମୀୟଙ୍କ କୃତଜ୍ଞତା, ବୈଷୟିକ ଅଭିବୃଦ୍ଧି, ସଭା ସମିତିକୁ ନିମନ୍ତ୍ରଣ, ପରିବହନରେ ଝଗଡା, ସାହିତ୍ୟିକ ସମ୍ମାନ, ପରୀକ୍ଷାରେ କୃତକାର୍ଯ୍ୟ, ସାମ୍ବାଦିକତାରୁ ଗୌରବ, ପରିଜନ ସହ ଯାତ୍ରା, ବିବାଦର ସମାଧାନ ।

**କୁମ୍ଭ**
ପାରିବାରିକ ସମସ୍ୟା, ସେବା ମନୋବୃତ୍ତି, ସରକାରୀ ସହାୟତା, ଉପଶମିତ ପୀଡା, ଅର୍ଥସମ୍ମାନ ପ୍ରାପ୍ତି, ମନୋବଳ ବୃଦ୍ଧି, ସହକର୍ମୀଙ୍କ ଉଦାରତା, ବନ୍ଧୁଙ୍କ ପରାମର୍ଶ, ସ୍ଥଗିତ କର୍ମାରମ୍ଭ, ବ୍ୟବସାୟିକ ଉନ୍ନତି ।

**ମୀନ**
ନୂତନ ପ୍ରକଳ୍ପାରମ୍ଭ, ପ୍ରତିବନ୍ଧକ ଦୂର ହେବ, ଆନୁଷଙ୍ଗିକ ସହଯୋଗ, କଠିନ ଶ୍ରମ, ଅଜୀର୍ଣ୍ଣ ପୀଡ଼ା, ଅତୀତ ଅନୁଚିନ୍ତା, ଅହେତୁକ ଚିନ୍ତା, ପ୍ରତିଯୋଗିତାରେ ସଫଳତା, ସମସ୍ୟାର ସମାଧାନ, ଆମୋଦ ପ୍ରମୋଦ ।

# ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ଖିଆଲି ରାଜା' ବେଶ୍ ମଜାଦାର ଥିଲା । ପେଣ୍ଟ୍ କଲା ଭଳି ମାଛକୁ ଦେଖି ବହୁତ ଖୁସି ଲାଗିଲା । ସୃଜନର ଗପ, କବିତାଗୁଡ଼ିକ ଭଲ ଲାଗିଲା । ମଡେଲ ମିରର୍‌ରେ ତନ୍ମୟୀ ବେଶ୍ ସୁନ୍ଦର ଲାଗୁଥିଲେ ।

*-ସୌଭାଗିନୀ ବେହେରା, ପାତ୍ରପଡ଼ା, ଭୁବନେଶ୍ୱର*

■ ବହୁ ବର୍ଷ ଧରି ଛୁଟିଦିନ ପଢ଼ିଆସୁଛି । ଏହାର ସବୁ ପୃଷ୍ଠାରେ ପଠନଯୋଗ୍ୟ ଅନେକ ମଜାଦାର ଓ ରୋଚକ ଜିନିଷ ଥାଏ । ହେଲେ ଏବେ ବହୁ ସ୍ଥାନରେ ମିଳୁନାହିଁ । ତେଣୁ ଅନେକେ ଏହାକୁ ପଢ଼ିବାର ସୁଯୋଗ ପାଉନାହାନ୍ତି । ଏହା ଯେମିତି ସବୁ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ବ୍ୟବସ୍ଥା କରନ୍ତୁ ।

*- ଉମାକାନ୍ତ ତରାଇ, ରମ୍ଭା, ଗଞ୍ଜାମ*

■ ସିନେମା ପୃଷ୍ଠାରେ ଓଲିଉଡ ହିରୋ ସୁନୀଲଙ୍କ ବିଷୟଟି ଭଲ ଲାଗିଲା । ସେ ପୁଣି ଫେରୁଛନ୍ତି ଜାଣି ଖୁସି ଲାଗିଲା । 'ହାଃ ହାଃ' ବେଶ୍ ମଜାଦାର ଥିଲା । ଦାମୀ ଫଳ ପାଠଟି ବହୁତ ରୋଚକ ଥିଲା । ତେବେ ଛୁଟିଦିନ କେବେ ପୁଣିଥରେ ୧୬ ପୃଷ୍ଠାରେ ଆସିବ ସେହି ଅପେକ୍ଷାରେ ଅଛୁ ।

*-ଉଷାରାଣୀ ମହାନ୍ତି, ନୟାଗଡ଼*

■ ବ୍ୟାକ୍‌ପେଜ୍‌ରେ ଭଗବାନ ବିଷ୍ଣୁଙ୍କର ସର୍ବୋଚ୍ଚ ମୂର୍ତ୍ତି ସମ୍ପର୍କରେ ଅନେକ କିଛି ଜାଣିହେଲା । କାର୍ଟୁନ କର୍ନର ଭଲ ଲାଗିଲା । ପ୍ରଚ୍ଛଦ ପ୍ରସଙ୍ଗରେ ବିଭିନ୍ନ ରାଜାଙ୍କ ଖିଆଲି ମନୋଭାବ ସମ୍ପର୍କରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା ।

*- ପ୍ରଫୁଲ୍ଲ ପଟ୍ଟନାୟକ, ବୌଦ୍ଧ*

■ 'ଖିଆଲି ରାଜା'ରେ ରାଜାମାନଙ୍କ ଅଜବ ସଉକ, ଅଜବ ଚିନ୍ତାଧାରା ପଢ଼ି ମଜା ଲାଗିଲା । ସୃଜନ ପୃଷ୍ଠାରେ 'ଯୋଦ୍ଧା' ଗପଟି ବହୁତ ଭଲ ଲାଗିଲା । ସିନେମା ପୃଷ୍ଠା ମୋର ବହୁତ ପ୍ରିୟ । ହାଃ ହାଃ ପଢ଼ି ମୋ ମୁଡ୍ ଠିକ୍ ହୋଇଯାଏ ।

*-କୃପାସିନ୍ଧୁ ରାଉତ, ନୂଆଗାଁ, କନ୍ଧମାଳ*

■ ଦାମୀ ଫଳ ପାଠଟି ବେଶ୍ ରୋଚକ ଥିଲା । ଇଣ୍ଡୋନେସିଆରେ ଥିବା ଭଗବାନ ବିଷ୍ଣୁଙ୍କର ସର୍ବୋଚ୍ଚ ମୂର୍ତ୍ତି ଦେଖି ଭଲ ଲାଗିଲା । କାର୍ଟୁନ କର୍ନର ମଜାଦାର ଥିଲା । ଦାମୀ ଗିଟାର ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା ।

*- ରୀନା ପଣ୍ଡା, ଥେରୁବାଲି, ରାୟଗଡ଼ା*

■ ସିନେମା ପୃଷ୍ଠା ମୋର ଭାରି ପ୍ରିୟ । ଏହାର ସବୁ ବିଷୟ ପଢ଼େ । ଏଥରର ପ୍ରଚ୍ଛଦ ପ୍ରସଙ୍ଗ ବି ଭଲ ଲାଗିଲା । 'ହାଃ ହାଃ' ପଢ଼ି ମୋ ପୁଅ ହସି ହସି ଗଡ଼ିଗଲା ।

*-ମାମାଲି ବେହେରା, କଟକ*

■ ଛୁଟିଦିନ ଖୋଲିଲେ ମୁଁ ପ୍ରଥମେ ସାପ୍ତାହିକ ରାଶିଫଳ ପଢ଼ିଥାଏ । ସିନେମା ପୃଷ୍ଠା ପଢ଼ିବାକୁ ବି ଭଲ ଲାଗେ । ବ୍ୟାକ୍‌ପେଜ୍ ତଥ୍ୟଭିତ୍ତିକ ଥିଲା । ସୃଜନ ପୃଷ୍ଠା ଗପ କବିତା ମନଛୁଆଁ ହୋଇଥିଲା

*- ସୌମେନ୍ଦ୍ର କାନୁନ୍‌ଗୋ, ଭୋଗରାଇ, ବାଲେଶ୍ୱର*

## ବିଶେଷ ଚିଠି



ସଜ ଫୁଲର ପାଖୁଡ଼ାଟିଏ,
ସଜ ଗୋଲାପର ବାସନାଦିଏ ।
ଫଗୁଣରେ ସିଏ ମିଠା ବଉଳ,
ଶ୍ରାବଣ ଆସିଲେ ଲାଗେ ଚହଳ ।
'ଛୁଟିଦିନ' ଆମ ସରଗ ତାରା ,
ସଞ୍ଜ ଅବା ରାତି ଜୁନି ପସରା ।
ଅଭୁଲା ସାଥୀ ସେ ସବୁ ଦିନର,
ପାଖେ ରହିଥାଏ ସେ ନିରନ୍ତର ।

**-ପ୍ରେମାନନ୍ଦ ବେହେରା,** ଡମଣା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ସାଇଲେଣ୍ଟ କାଫେ



ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ ପନ୍ଥା ଆପଣେଇ ଥାଆନ୍ତି । ଖାସ୍‌କରି ରେଷ୍ଟୁରାଣ୍ଟଗୁଡିକରେ ଅଜବ ଉପାୟମାନ ଆପଣାଯାଉଥିବା ଦେଖାଯାଏ । ସେଇଥିପାଇଁ ତ ପୃଥିବୀରେ ଅନେକ ଅଜବ ରେଷ୍ଟୁରାଣ୍ଟ ଅଛି । ସେମିତି ଏକ ରେଷ୍ଟୁରାଣ୍ଟ ହେଉଛି ଚାଇନାର ଗ୍ୱାଙ୍ଗଝୁରେ ଅଛି, ଯାହା ପରିଚିତ 'ସାଇଲେଣ୍ଟ କାଫେ' ନାମରେ । ଉକ୍ତ କାଫେରେ କଥା କହିବା ମନା । ଖାଦ୍ୟ ଅର୍ଡର କରିବାଠୁ ଆରମ୍ଭ କରି ଅର୍ଥ ପୈଠ କରିବା ପର୍ଯ୍ୟନ୍ତ ସବୁକିଛି ହୁଏ କେବଳ ଇସାରାରେ । ମେନ୍ୟୁ କାର୍ଡର ନମ୍ବର ଦେଖେଇଦେଲେ ତୁରନ୍ତ ଖାଦ୍ୟ ଆସିଯାଏ । ଯଦି କୌଣସି ଗ୍ରାହକ କାଫେ କର୍ମଚାରୀଙ୍କ କଥା ବୁଝି ନ ପାରନ୍ତି, ତେବେ ନୋଟପ୍ୟାଡ୍‌ରେ ଲେଖି ପଚାରିପାରିବେ । ଏଠାରେ ଗ୍ରାହକ ଓ କର୍ମଚାରୀଙ୍କୁ ଡିଜିଟାଲ ସଞ୍ଚାର ସୁବିଧା ପ୍ରଦାନ କରାଯାଇଛି । ତା'ସହ କାଫେର କାନ୍ଥରେ ସାଙ୍କେତିକ ଭାଷାର ଚିହ୍ନ ଓ ସୂଚକ ତଥା ଇଣ୍ଡିକେଟର୍ ବି ତିଆରି କରାଯାଇଛି, ଯଦ୍ୱାରା ଗ୍ରାହକଙ୍କ ଦ୍ୱାରା କୁହାଯାଇଥିବା କଥା ବୁଝିହେବ । ତେବେ ଉକ୍ତ କାଫେର ଉଦ୍ଦେଶ୍ୟ ହେଉଛି ଗ୍ରାହକଙ୍କୁ କଥା କହିପାରୁ ନ ଥିବା ବ୍ୟକ୍ତିଙ୍କ ଭାଷା ବୁଝିବା ପାଇଁ ପ୍ରେରିତ କରିବା । ଏବେ ଏହି ରେଷ୍ଟୁରାଣ୍ଟରେ ୩୦ଜଣ କର୍ମଚାରୀ ଅଛନ୍ତି । ସେଥିମଧ୍ୟରୁ ୧୪ଜଣ ଶୁଣିପାରନ୍ତି ନାହିଁ ।

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପୁଣିଥରେ...

ଜୀବିକା ନିର୍ବାହ ପାଇଁ ସାଧାରଣତଃ ଅଧିକାଂଶ ଯୁବପିଢ଼ି ଘର ଛାଡ଼ି ବାହାରକୁ ଯାଇଥାଆନ୍ତି। ଏହି କ୍ରମରେ ଆମ ରାଜ୍ୟରେ ବହୁ ଯୁବତୀ ଯୁବକ ବି ବାହାରେ ରହି କାମ କରୁଛନ୍ତି। ତେବେ କରୋନା ଯୋଗୁ ଏବେ ବିଭିନ୍ନ କମ୍ପାନୀ ବନ୍ଦ ହୋଇଯିବାରୁ ବାଧ୍ୟହୋଇ ସେମାନେ ଗାଁକୁ ଫେରି ଆସିଛନ୍ତି। ହେଲେ ଏମାନଙ୍କ ମଧ୍ୟରେ ଏମିତି କେତେଜଣ ଅଛନ୍ତି, ଯେଉଁମାନେ କି ଘରେ ବସି ନ ରହି କିମ୍ବା ହତାଶ ନ ହୋଇ ନିଜକୁ ପୁଣିଥରେ ରୋଜଗାରକ୍ଷମ କରିବାକୁ ଅଣ୍ଟା ଭିଡ଼ିଛନ୍ତି...

**ସଫ୍ଟୱେର ଇଞ୍ଜିନିୟରରୁ ହେଲେ ମାଛ ଚାଷୀ:** ବାଙ୍ଗାଲୋରସ୍ଥିତ ଏକ ସଫ୍ଟୱେର କମ୍ପାନୀରେ ଇଞ୍ଜିନିୟରଭାବେ କାମ କରୁଥିଲେ ଜଗତ୍‌ସିଂହପୁର ବ୍ଲକ ତରଡ଼ାପଡ଼ା ପଞ୍ଚାୟତ ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ସ୍ୱପ୍ନେଶ ମହାନ୍ତି। ହେଲେ କରୋନା ପାଇଁ ଗାଁକୁ ଫେରି ଆସିଲେ। ଆଉ ଚିନ୍ତା କଲେ ଘରେ ବସି କ'ଣ କରିବେ। ଶେଷରେ ସେ ଯାହା କଲେ ତାହା ଅନ୍ୟ ପାଇଁ ପ୍ରେରଣା ସାଜିଲା। ଉନ୍ନତ ଜ୍ଞାନକୌଶଳ ତଥା ବାୟୋଫ୍ଲକ୍ ପ୍ରଣାଳୀରେ ପଲିଥିନ ଟାଙ୍କିରେ ମାଛ ଚାଷ ଆରମ୍ଭ କଲେ।

ସ୍ୱପ୍ନେଶ କହିଛନ୍ତି– ସେ ଘରକୁ ଫେରିବା ପରେ ପ୍ରଥମେ ଆଧୁନିକ ଜ୍ଞାନକୌଶଳରେ କି ଚାଷ କରି ଲାଭବାନ ହୋଇପାରିବେ ସେନେଇ ଇଣ୍ଟରନେଟ ସର୍ଚ୍ଚ କରିଥିଲେ। ଶେଷରେ ବାୟୋଫ୍ଲକ ଫିଶ୍ ଫାର୍ମିଂ ପାଇଁ ନିଷ୍ପତ୍ତି ନେଇଥିଲେ । ଏପ୍ରିଲ ୨୮ରେ ନିଜ ବାଡ଼ିରେ ମାତ୍ର ୪ ମିଟର ବ୍ୟାସ ଓ ୧.୩ ମିଟର ଉଚ୍ଚତାର ୨ଟି ଗୋଲେଇ ପଲିଥିନ କୁଣ୍ଡରେ ଭୁବନେଶ୍ୱର ସିଫାରୁ ୪ରୁ ୫ଗ୍ରାମ ଓଜନ ବିଶିଷ୍ଟ ୨ ହଜାର ରୁପ-ଚାନ୍ଦି ମାଛ ଯାଆଁଳ କିଣି ଛାଡ଼ିଲେ। ମାଛଗୁଡ଼ିକ ଏବେ ୮୦ରୁ ୧୦୦ ଗ୍ରାମ ହୋଇଗଲାଣି। ଯାଆଁଳଙ୍କ ଯତ୍ନ ନେବା, ସେମାନଙ୍କୁ ଦାନା ଦେବା, ପାଣିସ୍ତର ଠିକ ରଖିବା, ପ୍ରତି ସପ୍ତାହରେ ଥରେ ପାଣିର ଟିଡିଏସ୍ ଯାଞ୍ଚ କରିବା ଇତ୍ୟାଦି କାମ ସେ ନିଜେ କରୁଛନ୍ତି। ଏସବୁ ବାବଦରେ ପାଖାପାଖି ୧.୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଯାଆଁଳ ଠିକ ଭାବେ ବଢ଼ିଲେ ୫ କୁଇଣ୍ଟାଲ ମାଛ ମିଳିବ ଓ କୁଣ୍ଡପିଛା ୩୦ରୁ ୪୦ ହଜାର ଟଙ୍କା ଲାଭ ପାଇହେବ। ପ୍ରଥମେ ପରିବାର ପକ୍ଷରୁ ସମର୍ଥନ ମିଳି ନ ଥିବାବେଳେ ଏବେ ବାପା ଯଜ୍ଞେଶ୍ୱର ତାଙ୍କୁ ପ୍ରୋତ୍ସାହିତ କରୁଛନ୍ତି ।

**ଆଉ ଗାଁ ଛାଡି ଯିବିନି:** ରବୀନ୍ଦ୍ର ସିଂ। ଜଟଣୀ ବ୍ଲକ୍ ପଦନପୁର ପଞ୍ଚାୟତ ଅନ୍ତର୍ଗତ ଭୀମପୁର ଗ୍ରାମରେ ତାଙ୍କ ଘର। ବାପା, ମା, ସ୍ତ୍ରୀ, ଝିଅ, ପୁଅ ୭ଜଣଙ୍କୁ ନେଇ ତାଙ୍କ ପରିବାର। ରଙ୍ଗ ମିସ୍ତ୍ରି ଭାବେ କାମ କରି ରବୀନ୍ଦ୍ର ପରିବାର ପ୍ରତିପୋଷଣ କରିଆନ୍ତି। ତେବେ ଜଟଣୀ ଅଞ୍ଚଳରେ କାର୍ଯ୍ୟ ନ ମିଳିବା ଓ ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ନ ମିଳିବାରୁ ତେଲେଙ୍ଗାନାରେ ପୂର୍ବରୁ କାମ କରୁଥିବା ସ୍ଥାନୀୟ ଅଞ୍ଚଳର ଜଣେ ପରିଚିତ ବ୍ୟକ୍ତିଙ୍କ ସହିତ ସେ ଯୋଗାଯୋଗ କରିଥିଲେ। ଆଉ ୨୦୧୯, ନଭେମ୍ବର ମାସରେ ତେଲେଙ୍ଗାନା ପଳାଇଥିଲେ। ସେଠାରେ ସେ ରଙ୍ଗ କାମ କରି ଦୈନିକ ସାତଶହ ଟଙ୍କା ରୋଜଗାର କରୁଥିଲେ। କମ୍ପାନୀ ପକ୍ଷରୁ ଘର ଓ ରୋଷେଇ ସରଞ୍ଜାମ ଯୋଗାଇ ଦିଆଯାଇଥିଲା। ତେବେ କରୋନା ମହାମାରୀ ଯୋଗୁ ସବୁକାମ ଧନ୍ଦା ବନ୍ଦ ହୋଇଯାଇଥିଲା। ଫଳରେ ସେ ସ୍ୱତନ୍ତ୍ର ଶ୍ରମିକ ଟ୍ରେନରେ ଜଟଣୀ ଫେରି ଆସିଥିଲେ। ଫେରିବା ପରେ କମ୍ ମଜୁରି ହେଉ ପଛେ ରଙ୍ଗ କାମ ପୁନଃ ଆରମ୍ଭ କରିଛନ୍ତି। ଯେତିକି ଦିନ କାମ ମିଳୁଛି ସେହି ହିସାବରେ ରୋଜଗାର ହେଉଛି। ବ୍ଲକ ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ପ୍ରୋତ୍ସାହନ ମିଳି ନ ଥିବା ରବୀନ୍ଦ୍ର କହନ୍ତି। ତଥାପି ସେ ଆଉ ଗାଁ ଛାଡି ଯିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

**ଗାଁ ମାଟିର ମୋହ ଟାଣିଲା:** ମହାରାଷ୍ଟ୍ର ରାୟଗଡ ଜିଲାର ଦ୍ରୋଣଗିରି ଅନ୍ତର୍ଗତ ଯେନେପିଟି ନାମକ ଏକ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ଓଡ଼ିଶାର ବୈକୁଣ୍ଠ ବେହେରା, ମିଥୁନ ତରାଇ, ଦୀପକ ତରାଇ, ବିକାଶ ବେହେରା, ସୁଧୀର କୋଦମା ସିଂ, ମନରଞ୍ଜନ ସୁନ୍ଦରା ଓ ସୁବାଷ କୋଦମା ସିଂହ ନାମକ ୭ ଜଣ ଓଡ଼ିଆ। ଲକ୍‌ଡାଉନ୍ ଯୋଗୁ ସେଠାରେ କମ୍ପାନୀ ବନ୍ଦ ହୋଇଗଲା। କିଛିଦିନ ଅପେକ୍ଷା ବି କଲେ। କିନ୍ତୁ ଲକ୍‌ଡାଉନ୍ ବଢ଼ି ବଢ଼ି ଚାଲିଲା। ଏପଟେ ପାଖରେ ଟଙ୍କା ସରି ସରି ଯାଉଥାଏ। ତେଣୁ ସେମାନେ ଭାବିଲେ ଯାହାପଛେ ହେଉ ନିଜ ଗାଁକୁ ଫେରିବେ। ଏଥିପାଇଁ ପାଖରେ ଥିବା ଟଙ୍କାକୁ ସେମାନେ ଏକାଠି କରି ସାଇକେଲ୍ କିଣିଲେ। ରାତି ପ୍ରାୟ ୩ଟାରୁ ପ୍ରାୟ ସକାଳ ୯ଟା ଯାଏଁ ସାଇକେଲ ଚଳାଇ ରାସ୍ତା କଡ଼ରେ ନିରାପଦ ସ୍ଥାନ ଦେଖି ଅଟକନ୍ତି। ଆଉ ସ୍ନାନ ଶୌଚ ସାରି ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ଏମିତି ମଝିରେ ମଝିରେ ଅଟକି ଖାଇପିଇ ପୁଣି ବାହାରିପଡନ୍ତି। ଦିନକୁ ୧୧୦–୧୪୦ କି.ମି. ସାଇକେଲ ଚଳାଉଥିଲେ। ଏମିତି ଜାତୀୟ ରାଜପଥରେ ପ୍ରାୟ ୧୮୦୦ କି. ମି ଦୂର ଅତିକ୍ରମ କରି ୧୧ଦିନରେ ଆସି ନିଜ ଗାଁ କୁକୁଡ଼ି, ରତନପୁର, ତରାପି ଓ ଭୂଷଣ୍ଡପୁର ପୁରରେ ପହଞ୍ଚିଲେ। ପହଞ୍ଚିବା ପରେ ଏମାନେ ସମସ୍ତେ ନିଷ୍ପତ୍ତି ନେଇଛନ୍ତି ଯେ, ଆଉ ସେମାନେ କାମ କରିବାକୁ ବାହାରକୁ ଯିବେନି। ଗାଁରେ ରହି କିଛି କାମ କରିବେ। ଏବେ ଏମାନେ ନିଜ ଗାଁରେ ବିଭିନ୍ନ ଘର ତିଆରି ଓ ଚାଷ କାମ ସହ ଅପରାହ୍ନ ସମୟରେ ଚିଲିକାରୁ ମାଛ, ଚିଙ୍ଗୁଡ଼ି ଆଣି ବ୍ୟବସାୟ କରୁଛନ୍ତି। ଯାହାଫଳରେ ଦିନକୁ ସେମାନେ ୪୦୦ଟଙ୍କାରୁ ୫୦୦ଟଙ୍କା, ଏପରି କି ବେଳେବେଳେ ୧୦୦୦–୨୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଏପଟେ ଘର ଲୋକଙ୍କ ସହିତ ରହି ବି ପାରୁଛନ୍ତି। ତେଣୁ ଏବେ ଆଉ ଘରଛାଡି ଯିବେ ନାହିଁ ବୋଲି ଏମାନେ ନିଷ୍ପତ୍ତି ନେଇଛନ୍ତି।

**ରୋକାଲିନ ମହାନ୍ତି**

**ତଥ୍ୟ: ଶ୍ରୀକାନ୍ତ ପରିଡ଼ା, ପ୍ରମୋଦ ନାୟକ**

## କ'ଣ କରିପାରିବେ ଯୁବପିଢ଼ି

କରୋନା ଯୋଗୁ ଏବେ ଅନେକଙ୍କର ଚାକିରି ଚାଲିଯିବା ସହ ବ୍ୟବସାୟ ବି ପ୍ରାୟ ବନ୍ଦ ହୋଇଯାଇଛି। ଏ ପରିସ୍ଥିତିରେ ଜଣେ ନିଜେ ପରିବାର ଚଳେଇବା ପାଇଁ କ'ଣସବୁ ପନ୍ଥା ଆପଣେଇପାରିବେ। ସେ ସମ୍ପର୍କରେ ସ୍ମାର୍ଟଫିନ୍ ୱେଲ୍‌ଥ ମ୍ୟାନେଜମେଣ୍ଟ, ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରୂପ କୁମାର ପ୍ରଧାନ ଯାହା କହନ୍ତି...

### ଯଦି ସହରରେ ରହୁଛନ୍ତି

- ଆପଣଙ୍କର ଯଦି ନିଜର ଅନ୍ୟ କିଛି କୌଶଳ ଅଛି ତେବେ ତାହା ପାଇଁ ଚାକିରି ଖୋଜନ୍ତୁ। ଯଥା ଆଇଟି କ୍ଷେତ୍ରରେ କୋଡିଙ୍ଗ୍, ପାଇଥନ୍ ପ୍ରୋଗ୍ରାମିଙ୍ଗ୍ କିମ୍ବା ଆପ୍ଲିକେସନ୍ ଡେଭଲପ୍ ଇତ୍ୟାଦି।
- ନିଜକୁ ଫ୍ରିଲାନସର୍ ହିସାବରେ ବ୍ୟବହାର କରନ୍ତୁ ଓ କିଛି ରୋଜଗାର କରନ୍ତୁ। ଯଥା ଆଇଟି କାମ, ବିଜ୍ଞାପନ, ଇ-କମର୍ସ, ଫାଇନାନ୍ସିଆଲ୍ ସର୍ଭିସେସ୍, ଡିଜିଟାଲ୍ ମାର୍କେଟିଙ୍ଗ୍, ଡାଟା ଏଣ୍ଟ୍ରି କାମ, କଷ୍ଟମର୍ ସର୍ଭିସ୍, ଅନ୍‌ଲାଇନ୍ ସେଲସ୍ ଇତ୍ୟାଦି। ପରବର୍ତ୍ତୀ ପରିସ୍ଥିତିରେ ଯେତେବେଳେ ସୁଯୋଗ ଆସିବ ସେତେବେଳେ ଏହି ଅଭିଜ୍ଞତା ଆପଣଙ୍କ ବାୟୋଡାଟାର ମୂଲ୍ୟ ବୃଦ୍ଧି କରିବ ଏବଂ ଭବିଷ୍ୟତରେ ଚାକିରି ପାଇବାରେ ସାହାଯ୍ୟ କରିବ।
- ଚାକିରି ଚାଲିଯିବାରେ ଅନେକ ବ୍ୟକ୍ତି ମାନସିକ ସ୍ତରରେ ଭାଙ୍ଗି ପଡନ୍ତି। ଏଥିପାଇଁ ନିଜର ବନ୍ଧୁ କିମ୍ବା ପେସାଦାର କୋଚ୍‌ଙ୍କ ପରାମର୍ଶ ନିଅନ୍ତୁ।
- ବର୍ତ୍ତମାନ ଆପଣ ଅନ୍‌ଲାଇନ୍‌ରେ କୋଚିଙ୍ଗ୍ ବା ଶିକ୍ଷା ପ୍ରଦାନ କରି ରୋଜଗାର କରିପାରିବେ।
- ଆପଣ ୱେବସାଇଟ୍ ବା ବ୍ଲଗ ସାଇଟ୍ ପାଇଁ ଲେଖାଲେଖି କରି ରୋଜଗାର କରିପାରିବେ।
- ଯଦି ଆପଣଙ୍କର ଆଇଟି କ୍ଷେତ୍ରରେ ଭଲ ଦକ୍ଷତା ଅଛି ତେବେ ଜଣେ ଭର୍ଚୁଆଲ୍ ଆସିଷ୍ଟାଣ୍ଟ ହିସାବରେ କାମ କରିପାରିବେ।

– ଯଦି ଆପଣ ଆର୍ଟ ଓ କ୍ରାଫ୍ଟ କାମ ଜାଣିଛନ୍ତି ଏହି କାମ ଆରମ୍ଭ କରି ରୋଜଗାର କରନ୍ତୁ।

- ଫଟୋଗ୍ରାଫିରେ ସଉକ ଥିଲେ, ପୁରୁଣା ଫଟୋ ସବୁ ଅନ୍‌ଲାଇନ୍‌ରେ ବିକ୍ରି ଆରମ୍ଭ କରନ୍ତୁ।

### ଯଦି ଗାଁରେ ରହୁଛନ୍ତି

- ମାସ୍କ ତିଆରି କରନ୍ତୁ– ଏହି କୋଭିଡ୍–୧୯ ପରିସ୍ଥିତିରେ ମାସ୍କର ବହୁଳ ଚାହିଦା ରହିଛି। ଆପଣ କିଛି ବି ମନଦୁଃଖ ନ କରି ମାସ୍କ ପ୍ରସ୍ତୁତ କରି ବିକ୍ରି କରନ୍ତୁ। ମାସ୍କ କିପରି ପ୍ରସ୍ତୁତ କରନ୍ତି ଅନ୍‌ଲାଇନ୍‌ରେ ଭିଡିଓ ଦେଖି ଶିଖନ୍ତୁ। ଏହାକୁ ଆପଣ ସ୍ଥାନୀୟ ଷ୍ଟୋରରେ ବିକ୍ରି କରି ଭଲ ଦି' ପଇସା ରୋଜଗାର କରିପାରିବେ।
- ଯଦି ନିଜର ଚାଷ ଜମି ଅଛି ତେବେ କିଛି ବି ନ ଭାବି ଚାଷ ଜମିରେ ପନିପରିବା ଚାଷ କରିପାରିବେ। ଆପଣ ନିଜ ଗ୍ରାମାଞ୍ଚଳରୁ ପରିବା ସଂଗ୍ରହ କରି ନିକଟସ୍ଥ ବଜାର କିମ୍ବା ସହରରେ ବିକ୍ରି କରି ଭଲ ଦି' ପଇସା ରୋଜଗାର କରିପାରିବେ।



## ବିଭକ୍ତ ହୃଦୟ

ସକାଳୁ କାନ୍ଦୁଛି କିଏ !
କାହା ଅନୁପସ୍ଥିତିରେ
ବୁଝିବାକୁ ଚେଷ୍ଟାକର ଥରେ
ହୁଏ ତ ହେଇପାରେ ଗୋଟେ ହୃଦୟ
ଅପେକ୍ଷା କରିଥିବା ଆଉ ଗୋଟେ
ହୃଦୟ ପାଇଁ... !

ବୋଧେ ସାଇତି ରଖିଛି
ଛାତିର ଅଦେଖା ଗୃହରେ
ଅନାବିଳ ସ୍ନେହ, ପ୍ରେମ
ମନେହୁଏ ତା'ପାଇଁ ଚାଲୁଛି
କ୍ଷୁଦ୍ର ରକ୍ତକଣିକାର ଗତି ଓ ସ୍ପନ୍ଦନ

ବେଳେବେଳେ
ଝରିଯାଏ ଅନିଚ୍ଛାସତ୍ତ୍ୱେ
ଅସରାଏ ଲୁହ
କାଳେ କେହି ଦେଖିଦେବା ଭୟରେ
ପିଇଯାଏ ସେତକ ବି ଓଠ ।।

**-କାହ୍ନୁ ଚରଣ ସାହୁ**
ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି
ସମ୍ପାଦକ: ସୃଷ୍ଟି ସମ୍ଭାର
ମୋ-୮୨୪୯୫୨୦୮୮୦

# ବିସ୍କୁଟ୍

**– ନିବେଦିତା ବେହେରା**



ଆରେ ମୁଁ ଯେ କ'ଣ ଶୁଣୁଛି କରୋନା ରୋଗୀ ସଂଖ୍ୟା ବଢ଼ି ଚାଲିଛି ବୋଲି ସାରା ସହର ବନ୍ଦ। କିନ୍ତୁ ଘରେ ତ ଖାଇବା ପାଇଁ କିଛି ନାହିଁ। କିଛି କିଣିକି ଆଣିବା ପାଇଁ ବି ପାଖରେ ପଇସା ନାହିଁ। କ'ଣ କରିବ ବୋଲି କିଛି ଜାଣିପାରୁନି ସନା । ସନା ତା' ସ୍ତ୍ରୀ ରେବକୁ ଡାକ ଦେଲା। ରେବର ସାତ ମାସ ଚାଲିଛି । ସେ ସିନା ନ ଖାଇ ରହିଯିବ ହେଲେ ରେବ !!! ବ୍ୟସ୍ତ ହେଇ ଯାଉଥାଏ ସନା। ରେବ ଆସି ପହଞ୍ଚିଲା । ତାକୁ ଭୋକ ଲାଗୁଥାଏ କିନ୍ତୁ ସେ କିଛି ନ କହିଲେ ବି ତା' ମୁହଁକୁ ପଢି ପାରୁଥିଲା ସନା। ସ୍ୱାମୀ ହେଇ ସ୍ତ୍ରୀକୁ ଏ ଅବସ୍ଥାରେ ଉପାସରେ ରଖିଥିଲା ବୋଲି ସେ ରେବକୁ ଆଉ ଅନେଇ ପାରୁ ନ ଥିଲା। ଭାବିଲା ଯାଇ ଛକ ମୁଣ୍ଡ ଦୋକାନରୁ ଭିତର ପଟୁ ଡାକି ବିସ୍କୁଟ୍ ଦି'ଟା ନେଇ ଆସିଲେ ରେବ ଖାଇବ। ଘରୁ ବାହାରିଲା, ରାସ୍ତା ଶୂନଶାନ୍ । ସାହସ ଘେନି ଦୋକାନରେ ପହଞ୍ଚି ଡାକ ପକାଇଲା। ବୁଢ଼ୀ ମାଉସୀ ଭିତର ପଟୁ ଦେଖିଲା ସନା। ଆରେ ସନା କ'ଣ ପାଇଁ ଡାକୁଚୁ, ଦୋକାନ ଖୋଲିଲେ ପୋଲିସକୁ ଜରିମାନା ଗଣିବାକୁ ହେବ। ତୁ ଏଠୁ ପଳା। ସନା ଶୁଣି କାକୁତି ମିନତି କରି କହିଲା ମାଉସୀ ରେବ ପାଇଁ ବିସ୍କୁଟ୍‌ଟେ ଦେ। ସେ କିଛି ନ ଖାଇ କେମିତି ରହିବ ଏ ସମୟରେ। ଘରେ ଯାହା ଥିଲା ସବୁ ସରିଲାଣି। ଏତିକି କଥା ନ ସରୁଣୁ ହଠାତ୍ ପୋଲିସ ଗାଡ଼ିର ଶବ୍ଦ ଶୁଭିଲା। ମାଉସୀ କବାଟ ଦେଇ ଭିତରକୁ ଚାଲିଗଲା। ପୋଲିସ ଗାଡ଼ି ଆସି ସନା ପାଖରେ ଅଟକିଲା। ଜଣେ ବାବୁ ତାଗିଦ୍ କରି କହିଲେ କରୋନା ବୁଲୁଛି ତୁ ଘରକୁ ଯା। ଏଠି କ'ଣ କରୁଚୁ । ସନା ଡରିକି ବାବୁଙ୍କୁ ରେବ ଆଉ ତା' ପରିସ୍ଥିତି ବିଷୟରେ କହିଲା। ବାବୁ କିଛି ସମୟ ଚୁପ୍ ରହିଲେ। କହିଲେ ଯା' ଘରକୁ ଯା'। ମୁଁ କିଛି ବ୍ୟବସ୍ଥା କରୁଚି। ସନା ଶୁଖିଲା ମୁଁହ ନେଇ ଘରେ ପହଞ୍ଚିଲା। ରେବ ଆସି ପଚାରିଲା କ'ଣ ଆଣିଲ ନା ନାହିଁ । ଭାରି ଭୋକ ହେଲାଣି। ଶୁଣି କାଠ ଭଳି ଠିଆ ହୋଇଥାଏ ସନା । ଆଖିରୁ ଦୁଇ ବୁନ୍ଦା ଲୁହ ଖସିଗଲା ତା'ର। ରେବ ତାକୁ ଦେଖି କହିଲା ହଉ ବ୍ୟସ୍ତ ହୁଅନି । ଭଗବାନ ଯାହା କରିବେ ଭଲ ହିଁ କରିବେ। କିନ୍ତୁ ଛୁଆଟି କଥା ଭାବି ସ୍ୱାମୀ ସ୍ତ୍ରୀ ଉଭୟ ବ୍ୟସ୍ତ ହଉଥାନ୍ତି। ଅଧ ଘଣ୍ଟା ପରେ କିଏ ଜଣେ କବାଟ ଠକ୍ ଠକ୍ କଲେ। ସନା ଖୋଲି ଦେଖେ ତ ବୁଢୀ ମାଉସୀ ଆଉ ପୋଲିସବାବୁ । ସନା ଡରରେ ଛାନିଆ। ବୁଢ଼ୀ ମାଉସୀ କହିଲା ଆରେ ସନା ବାବୁ ମୋତେ କହିଲେ ତୋ ପାଖକୁ ନେଇ ଯିବା ପାଇଁ । ବାବୁ ସନା ହାତକୁ ଗୋଟେ ବ୍ୟାଗ ବଢେଇ ଦେଲେ। କହିଲେ ଚାଉଳ, ଡାଲି, ପରିବା ଅଛି। ଆଉ ହାତରେ ବାବୁ ସନାକୁ କିଛି ଟଙ୍କା ବି ଦେଲେ। କହିଲେ ମୋ ଡ୍ୟୁଟି ଏବେ ଏଠି ପଡ଼ିଛି । କିଛି ଦରକାର୍ ହେଲେ କହିବ କହି ସେଠୁ ଯିବାକୁ ବାହାରିଲେ। ପକେଟ୍‌ରୁ ଫୋନ ବାହାର କରିବା ସମୟରେ ବିସ୍କୁଟ୍ ପ୍ୟାକେଟ୍‌ଟେ ପଡ଼ିଗଲା ତଳେ। ବାବୁ ପୁଣି କହିଲେ ଆରେ ଦେଖ ଏ ବିସ୍କୁଟ୍ ପ୍ୟାକେଟ ଦେବାକୁ କେମିତି ଭୁଲି ଯାଇଚି। ସନା ଆଉ ରେବ ପରସ୍ପରକୁ ଦେଖୁଥିଲେ ଆଉ ବହୁତ ଧନ୍ୟବାଦ ଦେଉଥିଲେ ବାବୁଙ୍କୁ । ବାବୁ କହିଲେ, ସେ ତ ତାଙ୍କ କର୍ତ୍ତବ୍ୟ କରୁଛନ୍ତି। ଏତିକି କହି ବାବୁ ପଳେଇଲେ। ଭଗବାନ ସତରେ ଅଛନ୍ତି ବୋଲି ସେଦିନ ସନାର ବି ବିଶ୍ୱାସ ହେଇଗଲା। ରେବ ଭାତ ବସେଇବାକୁ ବାହାରିଲା ବେଳକୁ ସନା ଡାକ ଦେଇ କହିଲା ରୋଷେଇ କରିବୁ ଯେ ଆଗ ବିସ୍କୁଟ୍ ଦୁଇଟା ଖାଇଦେ। ଦୁହେଁ ବିସ୍କୁଟ୍ ଖାଇ ପୋଲିସ ବାବୁଙ୍କ ଯିବା ବାଟକୁ ଅନେଇ ରହିଥିଲେ।

-ଶେଖ୍ ବଜାର, କଟକ
ମୋ: ୮୯୧୭୨୪୭୪୫୩

## ସ୍ମୃତି

ମୋ ଅପେକ୍ଷା ବି ଏମିତି,
ଅକ୍ଷରରୁ ଶବ୍ଦ
ଶବ୍ଦରୁ ବାକ୍ୟ
ଓ ବାକ୍ୟରୁ ଏକ ପ୍ରେମ ଗଳ୍ପ
ଲମ୍ବି ଚାଲିଚି ଅସରନ୍ତି ବାଟ ଭଳି ।
ତୁମେ ଆସି ବି ଆସୁନ
ଯେମିତି ଶିତଳତା ଅଛି ଜହ୍ନ କାହିଁ,
ତମେ ଥାଇ ବି ଦିଶୁନ ।
ଯେମିତି ବାସ୍ନା ଅଛି ଉପସ୍ଥିତି କାହିଁ ।
ତମେ ଅଛ, ତମେ ନାହଁ
ଅଜବ ଏ ମୁହୂର୍ତ୍ତ
କି ନାଁ ଦେବି ଏ ଅନୁଭବର
ଯାହାକୁ ତମେ କୁହ ପ୍ରତୀକ୍ଷା
ଆଉ ମୁଁ ଡାକେ 'ସ୍ମୃତି' ।।


**-ବିଶ୍ୱରଞ୍ଜନ ଦାଶ**
ଉଫୁଲା,ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ:୯୭୭୮୧୧୫୯୦୪

## ପ୍ରେମ

ରକ୍ତ ଜବାର ଧାର
ମୋତେ ଆନମନା
କରେ ଥରେ ନୁହେଁ ବହୁବାର
ରୂପର ଗରିମା ଜାଣି
ମନେ ହେଲି ଗୁଣ ଗୁଣୀ
ପ୍ରିୟାର ଅଧର ସମ
ଚୁମ୍ବନରେ ମତି ଭ୍ରମ।

ରକ୍ତିମ ଅରୁଣ ପରି
ପ୍ରିୟାର ଚୁମ୍ବନ
ମନ ଅଇନାରେ
ରଖିଛି ସାଇତି କରି
ଦୂରରେ ରହିଲ ତୁମେ
ଦେଖିଯାଅ ପ୍ରିୟା
ମନ୍ଦାରର ପ୍ରୀତି
ଲେଖାଅଛି ତୁମ ନାମେ।

**-ଭରତ ଚନ୍ଦ୍ର ଦାଶ**
-ମାର୍କୋଣା, ବାଲେଶ୍ୱର
ମୋ-୯୪୩୭୩୭୨୧୬୬



# ଚୁଜି ହେଲେଣି ଈଶାନ

ନବାଗତ ଈଶାନ ଖଟ୍ଟର। ହିନ୍ଦୀ ଚଳଚ୍ଚିତ୍ର 'ଧଡକ୍'ରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି। ଏହି ଫିଲ୍ମରୁ ସେ ସିନା ମେଲ ଲିଡ୍‌ରେ ଦର୍ଶକଙ୍କ ସମ୍ମୁଖକୁ ଆସିଥିଲେ, ହେଲେ ତା'ପୂର୍ବରୁ ସେ କ୍ୟାମେରା ସାମ୍ନା କରିସାରିଥିଲେ। ତେଣୁ ଆକ୍ଟିଂକୁ ନେଇ ତାଙ୍କ ମନରେ ଟିକେ ହେଲେ ଭୟ ନ ଥିଲା। 'ୱା ଲାଇଫ ହୋ ତୋ ଐସି'ରେ ସେ ଚାଇଲ୍ଡ ଆକ୍ଟର ଭାବରେ ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ତା'ସହ ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଅଭିଷେକ ଚୌବେଙ୍କ ନିର୍ଦ୍ଦେଶିତ 'ଉଡତା ପଞ୍ଜାବ'ରେ ତାଙ୍କୁ ଏପରି ଦାୟିତ୍ୱ ପ୍ରଥମେ ମିଳିଥିଲା। ତା'ପରେ 'ହାଫ୍ ୱିଡୋ'ରେ ମଧ୍ୟ ସହ ନିର୍ଦ୍ଦେଶକ ଭାବରେ ନିଜ ଦାୟିତ୍ୱକୁ ବେଶ୍ ସୁଚାରୁ ରୂପେ ତୁଲାଇଥିଲେ ଈଶାନ୍। ତେବେ ବର୍ତ୍ତମାନ ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ ସେ ଶହେ ଥର ଚିନ୍ତା କରୁଛନ୍ତି। ଏ ସମ୍ପର୍କରେ ଈଶାନ କହନ୍ତି, 'ନିଜ ଉପରେ ଯେତେ ବିଶ୍ୱାସ ଥିଲେ ମଧ୍ୟ ଅଭିନୟ କରିବା ପୂର୍ବରୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ତେଣୁ ଏଣିକି କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୋତେ ଚୁଜି ହେବାକୁ ପଡ଼ିବ। ଯଦି ବର୍ଷକୁ ହାତଗଣତି ସିନେମାରେ ରୋଲ୍ କରିବାକୁ ପଡ଼େ ତେବେ ମନ ଦୁଃଖ କରିବି ନାହିଁ।

# ମନେ ମନେ ମନ ଖୋଜୁଥିଲା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା।' କାହାଣୀ ଅନୁସାରେ ଅଭିମନ୍ୟୁ ଏବଂ ଦୁର୍ଯ୍ୟୋଧନଙ୍କ ଭିତରେ ଅହି ନକୁଳ ସମ୍ପର୍କ। ହେଲେ ଅଭିମନ୍ୟୁର ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନର ଝିଅ ଗୌରୀ ପରସ୍ପରକୁ ଭଲପାଇ ବସନ୍ତି। ହେଲେ ସେମାନଙ୍କର ଏହି ପ୍ରେମ ସାମ୍ନାରେ ଦୁଇ ପରିବାର ଭିତରେ ଥିବା ଦୀର୍ଘଦିନର ଶତ୍ରୁତା ପାଚେରି ପରି ଠିଆ ହୁଏ। ତେବେ ଏଭଳି ପରିସ୍ଥିତିକୁ ସାମ୍ନା କରିବା ପରେ ସେମାନେ କିପରି ଏହାର ମୁକାବିଲା କରନ୍ତି ? ସେମାନଙ୍କର ପ୍ରେମ ସଫଳ ହୁଏ କି ? ଏ ସବୁର ଉତ୍ତର ରହିଛି ନିର୍ମାଣାଧୀନ ଏହି ସିନେମାରେ। ଖାସ୍ କଥା ହେଲା, ଏହି ଫିଲ୍ମରୁ ନବାଗତ ଓମ୍‌କାର ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନମ୍ରତା ସିଂଦେଓ। ନମ୍ରତା ଏହାପୂର୍ବରୁ 'ଆଖି ଖୋଲିଲେ ତୁ ହି ତୁ'ରେ ଅଭିନୟ କରିସାରିଥିବା ବେଳେ ତାଙ୍କ ଅଭିନୀତ 'ଆସିବି ଫେରି ମୁଁ ବସୁଧା ଚିରି' ରିଲିଜ୍ ଅପେକ୍ଷାରେ ରହିଛି। ଅନନ୍ୟା ଏଣ୍ଟରଟେନ୍‌ମେଣ୍ଟସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଭାତୀ ଆଚାର୍ଯ୍ୟ। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ନିର୍ଦ୍ଦେଶନା ଦେଉଛନ୍ତି ଏନ୍. ପାଢ଼ୀ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଜି. ଅଶୋକ କୁମାର। ଓମ୍‌କାର-ନମ୍ରତାଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।



ଓମ୍‌କାର-ନମ୍ରତା

# ଘାରିଛି ଫଟୋଗ୍ରାଫି ନିଶା

ଇଲିୟାନା ଡି'କ୍ରୁଜ୍‌ଙ୍କୁ ଏବେ ଫଟୋଗ୍ରାଫି ନିଶା ଘାରିଛି। ଏପଟେ ଲକଡାଉନ୍ ପାଇଁ ଶୁଟିଂ ତ ବନ୍ଦ ଅଛି। ତେଣୁ ବସିବାଠାରୁ କାଶିବା ଭଲ ପରି ସେ ଏହି କାମରେ ବ୍ୟସ୍ତ ଅଛନ୍ତି। ସାମାଜିକ ସଚେତନତାମୂଳକ ବାର୍ତ୍ତା ଥିବା ଫଟୋ ଉଠାଇ ସେଗୁଡିକୁ ନିଜ ସୋସିଆଲ ମିଡିଆରେ ଅପଲୋଡ କରୁଛନ୍ତି। ଏ ସମ୍ପର୍କରେ ଇଲିୟାନା କହନ୍ତି, 'କେବଳ ଏବେ ନୁହେଁ ଫଟୋଗ୍ରାଫି ପ୍ରତି ମୋର ନିଶା ବେଶ୍ କିଛି ବର୍ଷ ହେଲା ରହିଛି। ମୁଁ ଯୁଆଡେ ଗଲେ ସାଙ୍ଗରେ କ୍ୟାମେରା ନେବାକୁ ଭୁଲି ନ ଥାଏ। କାରଣ ଫଟୋଗ୍ରାଫି ମଧ୍ୟ ଏପରି ଏକ ମାଧ୍ୟମ ଯାହାଦ୍ୱାରା ସମାଜରେ ସଚେତନତା ସୃଷ୍ଟି କରାଯାଇପାରିବ।' କେବଳ ବଲିଉଡ୍ ନୁହେଁ, ଦକ୍ଷିଣ ଭାରତୀୟ ସିନେମାର ଇଲିୟାନା ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ହେଉଛି 'ବର୍ଫି, ଯାହା ସେତେବେଳେ ହିଟ୍ ହୋଇଥିଲା। ଗତ ଆଠବର୍ଷର ହିନ୍ଦୀ ସିନେମା କ୍ୟାରିୟରରେ ସେ 'ଫଟା ପୋଷ୍ଟର ନିକଲା ହିରୋ', 'ମେଁ ତେରା ହିରୋ', 'ରେଡ୍' , 'ବାଦ୍‌ଶାହୋ' ଭଳି କେତେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ଗତ ବର୍ଷେ ରିଲିଜ ହୋଇଥିବା 'ପାଗଲପନ୍ତୀ'ରେ ବି ସେ ଅଭିନୟ କରିଛନ୍ତି। ଏବେ ତାଙ୍କ ଅଭିନୀତ ତଥା ସକ୍ୟୁରିଟି ସ୍କାମ୍ ପାଇଁ ଚର୍ଚ୍ଚିତ ହର୍ଷଦ ମେହେଟ୍ଟାଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ହିନ୍ଦୀ ସିନେମା ଚଳିତ ବର୍ଷ ଅକ୍ଟୋବର ୨୩ରେ ରିଲିଜ ହେବାର ଯୋଜନା ରହିଛି।

# ଦୀପିକା ଯାହା ଭାବୁଥିଲେ..

ବେଳେବେଳେ ମଣିଷ ଭାବୁଥିବା ଜିନିଷ ହାତ ପାଆନ୍ତାରେ ମିଳିଯାଏ। ଆଉ ସେତେବେଳେ ସମ୍ପୃକ୍ତ ବ୍ୟକ୍ତିଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ଭାରତକୁ ପ୍ରଥମ କ୍ରିକେଟ ବିଶ୍ୱକପ ଚାମ୍ପିୟନ ହେବାର ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ଜୀବନୀ ଉପରେ ନିର୍ମିତ ହୋଇଛି ହିନ୍ଦୀ ସିନେମା '୮୩' । ଏଥିରେ କପିଳଙ୍କ ଧର୍ମପତ୍ନୀ ରୋମି ଭୂମିକାରେ ଦୀପିକା ପାଦୁକୋନ୍ ଅଭିନୟ କରିଛନ୍ତି। ହେଲେ ଏପରି ରୋଲ୍ ପାଇବା ପରେ ସେ ନିକଟରେ ଏକ ରୋମାଞ୍ଚକର କଥା ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'କପିଳଙ୍କ ଜୀବନୀ ଉପରେ ଏକ ସିନେମା ହେଉ ଏକଥା ଥରେ ମୋ ମନକୁ ଆସିଥିଲା। ଯେତେବେଳେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ଘୋଷଣା କରାଗଲା ସେତେବେଳେ ମୋ ଖୁସିର ସୀମା ନ ଥିଲା। ପୁଣି ଏପରି ସଂଯୋଗରେ ଏଥିରେ କେବଳ ମୁଁ ନୁହେଁ ମୋ ପତିଦେବ ରଣବୀର ସିଂ ମଧ୍ୟ ଅଭିନୟ (କପିଳ ଦେବ ଭୂମିକାରେ) କରୁଛନ୍ତି। ସତ କଥା କହିବାକୁ ଗଲେ ମୋର ଏହି ସ୍ୱପ୍ନ ସାକାର ହୋଇଛି। ବାକି ରହିଲା ରିଲିଜ କଥା। ତା'ପରେ ଫିଲ୍ମଟିକୁ ଦର୍ଶକ କିପରି ଗ୍ରହଣ କରୁଛନ୍ତି ତାହା ଜଣାପଡ଼ିବ।



ଇଲିୟାନା



ଦୀପିକା

# ମଡେଲ ମିରର୍



ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସତ୍ୟପ୍ରକାଶ**

**ସୂଚନା**
ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଡିଭୋର୍ସ

ମନୋଜ ରାଜୁକୁ- ଆରେ ସାଙ୍ଗ, ଭାବୁଚି ମୁଁ ମୋ ସ୍ତ୍ରୀକୁ ଡିଭୋର୍ସ ଦେଇଦେବି।
ରାଜୁ- କାହିଁକି? କ'ଣ ହେଇଛି?
ମନୋଜ-୬ ମାସ ହେବ ସେ ମୋ ସହ ଭଲରେ କଥା ହେଉନି।
ରାଜୁ- ଆଉ ଥରେ ଭାବେ, ଏମିତି ସ୍ତ୍ରୀ ତତେ ଆଉ ମିଳିବେନି। ଯିଏକି ଚୁପ୍ ରହୁଛି। ତୋ ସହ ଝଗଡା କରି ମୁଣ୍ଡ ଖାଉନି।
ମନୋଜ-ଏଁ...

### କାଲୁଣୀ

ସନ୍ତୋଷ ପପୁକୁ- ମୋ ପଡିଶା ଘର ଝିଅ ବୋଧେ କାଲୁଣୀ।
ପପୁ- ତୁ କେମିତି ଜାଣିଲୁ?
ସନ୍ତୋଷ- କାଲି ମୁଁ ତାକୁ 'ଆଇ ଲଭ୍ ୟୁ' କହିଲି। ଆଉ ସିଏ କ'ଣ କହିଲା ଜାଣିଛୁ?
ପପୁ- କ'ଣ?
ସନ୍ତୋଷ- ମୁଁ କାଲି ନୂଆ ସାଣ୍ଡେଲ କିଣିଛି, ଦେବି କି?

### ଗିନା

ବାପା- ରମେଶ ବାବୁଙ୍କ ପୁଅ ବିଜ୍‌ନେସ୍‌ରେ ବହୁତ ପରିଶ୍ରମ କରୁଛି। ଏବେ ସେମାନେ ବହୁତ ଧନୀ ହେଇଗଲେଣି।
ପୁଅ ବାପାଙ୍କୁ- ବାପା ମୁଁ ଯେବେ ବିଜ୍‌ନେସ୍ ଷ୍ଟାର୍ଟ କରିବି ବଡ ବଡ ଧନୀଙ୍କ ହାତରେ ଗିନା ଧରେଇ ଦେବି।
ବାପା- କେମିତି?
ପୁଅ- ଗୁପଚୁପ୍ ବିକ୍ରି କରି।

# ଅନୀତା ନାୟାର




ଚାଳିଶ ବର୍ଷ ପରେ ମୁକୁନ୍ଦନ୍ ଗାଁକୁ ଫେରେ। ସେତେବେଳକୁ ତାକୁ ବୟସ ଷାଠିଏ। ଅବଶ୍ୟ ଷାଠିଏ ବର୍ଷ ବୟସରେ ସେ ବି ବେଶ୍ ଯୁବକ ସୁଲଭ ହୋଇ ରହିଥାଏ। ସେ ବାହା ହୋଇ ନ ଥାଏ। ଘର ସଂସାର କରି ନ ଥାଏ। ଜୀବିକା ଖୋଜୁଖୋଜୁ ତା'ର ବିତିଯାଏ ଯୌବନ। ଗାଁର ମାୟା ତାକୁ ହାତଠାରି ଡାକେ। ସେ ଗାଁକୁ ଫେରିଆସେ। ଶେଷ ଜୀବନ ନିଜର ବୁଢ଼ା ବାପା ସହିତ ବିତେଇବାର ଯୋଜନାରେ ସେ ଥାଏ। ଗାଁରେ ପହଞ୍ଚୁ ପହଞ୍ଚୁ ମୁକୁନ୍ଦନ୍‌ର ପ୍ରଥମେ ମନେପଡ଼େ ତା'ର ମା' କଥା। ତା'ର ମା' ଅନେକ ଦିନରୁ ମରି ଯାଇଥାଏ। ତାକୁ ଲାଗେ ତା' ମା'ର ଭୂତ ଏବେ ବି ସେହି ଘରେ ଅଛି। ତା'ର ଅତୃପ୍ତ ଆତ୍ମା ସେହି ଘର ଭିତରେ ଘୂରି ବୁଲୁଛି। ମୁକୁନ୍ଦନ୍ ଏକ ଅଦ୍ଭୁତ ପରିସ୍ଥିତିକୁ ସାମ୍ନା କରେ। ତାକୁ ଲାଗେ ଷାଠିଏ ବର୍ଷ ବୟସ ସତ୍ତ୍ୱେ ସେ ଯେମିତି ଛୋଟପିଲାଟେ ହୋଇ ରହିଛି। ପିଲାଦିନ ପରି ତାକୁ ଡର ଲାଗୁଛି। ସେ ତା'ର ବୁଢ଼ା ବାପାକୁ ବରଦାସ୍ତ କରିପାରୁ ନାହିଁ। ସବୁବେଳେ ମା'ର ଅନୁପସ୍ଥିତି ତାକୁ ଖାଇ ଗୋଡ଼ଉଛି। ସେ ମା'ର ଭୂତକୁ ଦେଖି ପାରୁଛି। ହେଲେ ମା'ର ଭୂତକୁ ମା' ବୋଲି ଗ୍ରହଣ କରିପାରୁନାହିଁ। ତେଣୁ ତାକୁ ସବୁକିଛି ଅଜବ ଲାଗୁଛି। ସେତିକିବେଳେ ତା'ର ଭେଟ ହେଉଛି ଗାଁର ଜଣେ ମଣିଷ, ଯାହା ନାଁ ବାସୀ। ବାସୀ ଜଣେ ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ। ସେ ଜଣେ ଶିକ୍ଷକ, ଚିତ୍ରକର। ପୁଣି ତାକୁ ମଧ୍ୟ ଭୂତଛଡ଼ା ବିଦ୍ୟା ଜଣା। ତେଣୁ ବାସୀ ସହିତ ମୁକୁନ୍ଦନ୍‌ର ସମ୍ପର୍କ ଘନିଷ୍ଠ ହୋଇଯାଏ। ବାସୀ କି କିମିଆଁ କରେ କେଜାଣି ମୁକୁନ୍ଦନ୍ ଭିତରୁ ଡର ଭୟ ଉଭାନ ହୋଇଯାଏ। ମୁକୁନ୍ଦନ୍‌ର ଜୀବନକୁ ପୁଣିଥରେ ସ୍ୱାଭାବିକତା ଫେରିଆସେ। ଗାଁର ଅଞ୍ଜନା ନାମ୍ନୀ ଜନୈକା ମହିଳାଙ୍କ ସହିତ ତା'ର ପରକୀୟା ପ୍ରୀତି ଗଢ଼ିଉଠେ। ଅଞ୍ଜନା ବିବାହିତା। ମାତ୍ର ତା'ର ବିବାହିତା ଜୀବନ ସୁଖମୟ ନ ଥିଲା। ମୁକୁନ୍ଦନ୍‌ର ସଂସ୍ପର୍ଶରେ ଆସିବା ପରେ ଅଞ୍ଜନା ଜୀବନକୁ ଖୁସି ଫେରିଆସେ। ସେମାନେ ବହୁ ସୁଖଦ ଏକାନ୍ତ ମୁହୂର୍ତ୍ତ ଅତିବାହିତ କରନ୍ତି। ସେସବୁର ମୂକସାକ୍ଷୀ ଥାଏ ଜଣେ। ସେ ହେଉଛି ବାସୀ। ଏତିକିବେଳେ ଗୋଟିଏ ଘଟଣା ଘଟେ, ଯାହା ସମ୍ପୂର୍ଣ୍ଣ ଭାବରେ ମୁକୁନ୍ଦନ୍‌ର ଜୀବନର ସମୀକରଣକୁ ବଦଳେଇ ଦିଏ। ତାହା ହେଉଛି ଗ୍ରାମର ଜଣେ ବଦମାସ ପୁଞ୍ଜିପତି ରାମକ୍ରିଷ୍ଣନ୍‌ର ନଜର ବାସୀର ଏକମାତ୍ର ଭିଟାମାଟି ଉପରେ ପଡ଼େ। ସେ ତାହାକୁ ବାସୀଠାରୁ କିଣି ନବାକୁ ଚାହେଁ। ମାତ୍ର ବାସୀ କହେ ସେ ବିକିବନି। ରାମକ୍ରିଷ୍ଣନ୍ ବାସୀର ସାଙ୍ଗ ହୋଇଥିବା ମୁକୁନ୍ଦନ୍‌କୁ କହେ ବାସୀ ଉପରେ ଚାପ ପକେଇବା ପାଇଁ। ଏଥର ଦ୍ୱନ୍ଦ୍ୱରେ ପଡ଼େ ମୁକୁନ୍ଦନ୍। ସେ ରାମକ୍ରିଷ୍ଣନ୍ ପାଇଁ ବାସୀ ସହିତ ଶତ୍ରୁତା କରିବ କି? ଯଦି ବାସୀ ଶତ୍ରୁ ହୋଇଯିବ ତା'ହେଲେ ତା'ର ପରକୀୟା ସମ୍ପର୍କ ପଦାରେ ପଡ଼ିଯିବ। ଯଦି ବାସୀକୁ ସପୋର୍ଟ କରିବ ତା'ହେଲେ ରାମକ୍ରିଷ୍ଣନ୍‌ର କ୍ରୋଧର ଶିକାର ହେବ।

ଏହା ହେଉଛି ଅନୀତା ନାୟାରଙ୍କ ଡେବ୍ୟୁ ନଭେଲ୍ 'ଦି ବେଟର ମ୍ୟାନ୍'ର କାହାଣୀ। ରୋମାଞ୍ଚ, ରହସ୍ୟ ପୁଣି ଅଲୌକିକତାକୁ ନେଇ ରଚିତ ଏହି ପ୍ରଥମ ଉପନ୍ୟାସ ହିଁ ଅନୀତାଙ୍କୁ ଭାରତୀୟ ଇଂଲିଶ ଲେଖିକାଙ୍କ ତାଲିକାରେ ସ୍ଥାନ ଦେବାକୁ ସମର୍ଥ ହୋଇଥିଲା।

**ଫିକ୍ସନ୍‌ରୁ ନନ୍-ଫିକ୍ସନ୍ :** 'ଦି ବେଟର ମ୍ୟାନ୍' ଅନୀତାଙ୍କ ପ୍ରଥମ ଉପନ୍ୟାସ ହୋଇଥିଲେ ମଧ୍ୟ ତାହା ତାଙ୍କର ପ୍ରଥମ ବହି ନୁହେଁ। ତାଙ୍କର ପ୍ରଥମ ପ୍ରକାଶିତ ବହି ହେଉଛି 'ସାଟାୟର ଅଫ୍ ସବ୍‌ୱେ'। ଏହା ଏକ କ୍ଷୁଦ୍ରଗଳ୍ପ ସଂକଳନ। ସେ ବାଙ୍ଗାଲୋରର ଏକ ଆଡଭର୍ଟାଇଜିଂ ଏଜେନ୍ସିରେ କ୍ରିଏଟିଭ୍ ଡିରେକ୍ଟର ଭାବରେ କାମ କରୁଥିବା ବେଳେ ଏହି ସଂକଳନର ଗଳ୍ପଗୁଡ଼ିକୁ ରଚନା କରିଥିଲେ। ୨୦୦୦ ମସିହାରେ ଆସିଥିଲା ତାଙ୍କର 'ଦି ବେଟର ମ୍ୟାନ୍' ଯାହା ତାଙ୍କୁ ପ୍ରଭୂତ ସଫଳତା ପ୍ରଦାନ କରିଥିଲା। ଏହାର ଠିକ୍ ପରବର୍ଷ ଅର୍ଥାତ୍ ୨୦୦୧ ମସିହାରେ ଆସିଥିଲା ତାଙ୍କର ଦ୍ୱିତୀୟ ଉପନ୍ୟାସ 'ଲେଡିସ୍ କପ୍'। ଏହା ଏକ ସମୟରେ ୨୯ଟି ଦେଶରେ ତଥା ୩୦ଟି ଭାଷାରେ ପ୍ରକାଶିତ ହୋଇଥିଲା। ୨୦୦୨ରେ ସେ ପ୍ରକାଶିତ କରିଥିଲେ ତାଙ୍କର କବିତା ସଂକଳନ 'ମାଲାବାର ମାଇଣ୍ଡ'। ୨୦୦୪ରେ ପ୍ରକାଶିତ ହୋଇଥିଲା ଶିଶୁପୁସ୍ତକ 'ପଫିନ୍ ବୁକ୍ ଅଫ୍ ମିଥ୍‌ସ ଆଣ୍ଡ ଲିଜେଣ୍ଡସ'। ସେତିକି ନୁହେଁ ସେ ଅନେକ ଗବେଷଣାଲବ୍ଧ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାହାର ଏକ ଉଦାହରଣ କେରଳର ପାରମ୍ପରିକ ନୃତ୍ୟ ଉପରେ ରହିଛି ତାଙ୍କର ଗବେଷଣାଲବ୍ଧ ପୁସ୍ତକ 'କଥକଲି'।


**ଜନ୍ମ :** ଇଂଲିଶରେ ଲେଖୁଥିବା ଭାରତୀୟ ଲେଖକ ଲେଖିକାଙ୍କ ମଧ୍ୟରେ ଅନୀତା ନାୟାରଙ୍କର ଏକ ସ୍ୱତନ୍ତ୍ର ପ୍ରସିଦ୍ଧି ରହିଛି। କେରଳର ପଲକ୍କଡ଼ ଜିଲାରେ ଶୋରନ୍‌ପୁର ଗାଁରେ ଏହି ଲେଖିକାଙ୍କର ଜନ୍ମ। ଚେନ୍ନାଇରେ ବିତିଛି ତାଙ୍କର ଶୈଶବ ଓ ଯୌବନ। ଚେନ୍ନାଇରେ ଜୀବନର ବହୁ ଭାଗ ବିତାଇଥିଲେ ମଧ୍ୟ କେରଳର ମାୟା ତାଙ୍କୁ ସବୁବେଳେ ଆଚ୍ଛନ୍ନ କରିଛି। ସେ କେରଳ ଆସି ତାହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିଛନ୍ତି। କେରଳର ସଂସ୍କୃତି ପରମ୍ପରାକୁ ଅଙ୍ଗେ ନିଭେଇଛନ୍ତି। ସମ୍ପ୍ରତି ଏହି ଲେଖିକା ନିଜର ସ୍ୱାମୀ ସୁରେଶ ପରମ୍ବଥ୍ ଏବଂ ଏକମାତ୍ର ପୁତ୍ରସନ୍ତାନ ସହିତ ବାଙ୍ଗାଲୋରରେ ଅବସ୍ଥାପିତ। ନିଜର ଭର୍ସାଟାଇଲ୍ ପ୍ରତିଭା ପାଇଁ ସେ ବହୁ ପ୍ରତିଷ୍ଠାନରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ସାହିତ୍ୟ ପାଇଁ ନୂଆଦିଲ୍ଲୀର ଅଲ ଇଣ୍ଡିଆ ଆଟିଭର୍ସ କନ୍‌ଫେରେନ୍ସରୁ ସେ ପାଇଛନ୍ତି ଆର୍ଟ ଅଫ୍ ଏକ୍ସିଲେନ୍ସି ଆୱାର୍ଡ଼। ଜର୍ମାନୀର ସମ୍ମାନଜନକ 'ଲିବେରାଟରପ୍ରେଇସ୍' ଆୱାର୍ଡ଼ ପ୍ରତିଯୋଗିତାରେ ସେ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ୨୦୧୨ରେ ତାଙ୍କୁ ମିଳିଛି କେରଳ ସାହିତ୍ୟ ଏକାଡ଼େମୀ ଆୱାର୍ଡ। ସେହିଭଳି ହିନ୍ଦୁ ଲିଟେରାରୀ ପ୍ରାଇଜ୍‌ରେ ତାଙ୍କ ନାମକୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇଛି।


**ଲେଡିସ୍ କପ୍:** ଭାରତରେ ଶହଶହ ବର୍ଷ ଧରି ଏକ ପୁରୁଷପ୍ରାଧାନ୍ୟ ସଂସ୍କୃତିର ପ୍ରଚଳନ ହୋଇ ଆସିଛି। ଏହାର ବିରୁଦ୍ଧାଚରଣ କରି ଅନୀତା ଲେଖିଛନ୍ତି ତାଙ୍କର ଦ୍ୱିତୀୟ ଉପନ୍ୟାସ 'ଲେଡିସ୍ କପ୍'। ଲିଙ୍ଗ ଭେଦକୁ ନେଇ ତାଙ୍କର ମତ ଅତି ସୁସ୍ପଷ୍ଟ। ନାରୀ ନା କେବେ ପୁରୁଷପ୍ରାଧାନ୍ୟ ସମାଜରେ ନିଜକୁ ନ୍ୟୂନ ମଣିଥିଲା ନା ଆଗକୁ ମଣିବ। ତେବେ ନାରୀକୁ ନିଜର ସ୍ଥାନ ନିଜକୁ ହିଁ ନିରୂପଣ କରିବାକୁ ପଡ଼ିବ। ସମାଜ ଏପରି ଏକ ବ୍ୟବସ୍ଥା ଯେଉଁଠି ମନକୁ ମନ କିଛି ଘଟେନା। ଜଣକୁ ପ୍ରଥମେ ପାଦ କାଢ଼ି ସମାଜ ଛାତି ଉପରେ ପକେଇବା ପାଇଁ ପଡ଼େ। ଆଜିର ନାରୀ ତାହା କରୁଛି। ସେଥିଲାଗି ସମାଜରେ ଆଉ ଲିଙ୍ଗ ବୈଷମ୍ୟର ଲକ୍ଷଣ ନାହିଁ।

















# ୨୧୬ ଘଣ୍ଟାର ଅବିରତ ନୃତ୍ୟ

ରେକର୍ଡ ନିଶାରେ ଅନେକ ଲୋକ ଅନେକ ପ୍ରକାର କାମ କରନ୍ତି। ଏମିତି କି ଜୀବନକୁ ବାଜି ବି ଲଗେଇ ପାରନ୍ତି। ନେପାଳର ଜଣେ ୧୮ ବର୍ଷୀୟା ଯୁବତୀ ମଧ୍ୟ ସେମିତି ଏକ ଦୁଃସାହସିକ କାମ କରି ରେକର୍ଡ କରିବାରେ ସଫଳ ହୋଇଛନ୍ତି। ସେ ହେଉଛନ୍ତି ବନ୍ଦନା ନେପାଳ। ସେ ଲଗାତର ୨୧୬ ଘଣ୍ଟା ନୃତ୍ୟ କରି ଗିନିଜ୍ ୱାର୍ଲଡ୍ ରେକର୍ଡସ୍‌ରେ ସବୁଠାରୁ ଅଧିକ ସମୟ ନୃତ୍ୟ କରିଥିବାର ରେକର୍ଡ କରିଛନ୍ତି। ଏହା ପୂର୍ବରୁ ଉକ୍ତ ରେକର୍ଡ ୨୧୩ ଘଣ୍ଟା ୧୫ ମିନିଟ୍‌ର ଥିଲା। କାଠମାଣ୍ଡୁର ବିଗ ଫୁଡଲାଣ୍ଡ ରେଷ୍ଟୁରାଣ୍ଟରେ ସେ ଏହି ନୃତ୍ୟ କରିଥିଲେ।



ବ୍ୟାକ୍ ପେଜ୍

## କାର୍ଟୁନ କର୍ନର

